## ସଂକ୍ଷେପରେ

### ପୋଖରୀରେ ବୁଡି ଯୁବକଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୦।୧୦:** ପୋଖରୀରେ ବୁଡି ଗୁରୁତର ହୋଇଥିବା ଜଣେ ଯୁବକଙ୍କୁ ବୁଧବାର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ। ସେ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପିଛୁଳା ଗ୍ରାମର ଶିବରାମ ଖୁଣ୍ଟିଆ (୨୦)। ମେଡିକଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୫୨୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶିବରାମ ବୁଧବାର ସକାଳେ ଗାଁ ନିକଟରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ହଠାତ୍ ତାଙ୍କ ଗୋଡ ଖସି ଯିବାରୁ ସେ ପାଣିରେ ବୁଡି ଯାଇଥିଲେ। ସେଠାରେ ଗାଧୋଉଥିବା ଅନ୍ୟ ଲୋକମାନେ ଶିବାରାମଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଆମ୍ବୁଲାନ୍ସରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ।

### ବିଷ କ୍ରିୟାରେ ୨ ମୃତ

**ବ୍ରହ୍ମପୁର ଅଫିସ,୧୦।୧୦:** ପୃଥକ ବିଷ କ୍ରିୟା ଘଟଣାରେ ୨ ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ସେମାନେ ହେଲେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ିର ସ୍ମିତରଞ୍ଜନ ପ୍ରଧାନ (୨୨) ଓ ଅନ୍ୟଜଣେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ କେ. ସାମନ୍ତରାପୁରର ବଳରାମ ଭୂୟାଁ(୬୨)। ମେଡିକାଲ ଫାଣ୍ଡି ପୋଲିସ ବୁଧବାର ଉଭୟଙ୍କ ମୃତଦେହ ଜବତ କରି ପୃଥକ ଭାବେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ସ୍ମିତରଞ୍ଜନ କାର ଡ୍ରାଇଭର ଭାବେ କାମ କରୁଥିବା ବେଳେ କୌଣସି କାରଣରୁ ସେ ମଙ୍ଗଳବାର ବିଷପାନ କରିଥିଲେ। ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ରାତି ପ୍ରାୟ ୧୧ ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ବଳରାମ ସେପ୍ଟେମ୍ବର ୧୧ରେ ଘରୋଇ କଳିକୁ କେନ୍ଦ୍ରକରି ବିଷ ପାନ କରିଥିଲେ। ପରେ ତାଙ୍କୁ ପରିବାର ଲୋକେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ବୁଧବାର ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ହୋଇଥିଲା।

### ପ୍ରାଧିକରଣ ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ଦିବସ

**ବ୍ରହ୍ମପୁର ଅଫିସ୍,୧୦।୧୦:** ଜିଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଗୁରୁବାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ୍ ଏବଂ ଚିକିତ୍ସାଳୟ୍‌ର ମାନସିକ ରୋଗ ବିଭାଗ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ଦ୍ୱିତୀୟ୍ ଏମ୍‌ଏସିଟି ଜଜ୍ ନିତୀଶ ନିଶଙ୍କ, ପ୍ରାଧିକରଣ ସଚିବ ବିଜୟ୍ ଦାସ, ବିଭାଗୀୟ୍ ମୁଖ୍ୟ ପ୍ରଫେସର ଡା. ଅଜୟ୍ ମିଶ୍ର, ଆସୋସିଏଟ୍ ପ୍ରଫେସର ଡା. ଚନ୍ଦ୍ରଶେଖର ତ୍ରିପାଠୀ, ବରିଷ୍ଠ ବିଶେଷଜ୍ଞ ଡା. ଶର୍ମିଷ୍ଠା ପ୍ରିୟଦର୍ଶିନୀ, ଡା. ସ୍ୱାତି ମିଶ୍ର, ଡା. ବିଭୁ କଲ୍ୟାଣ ସାହୁ, ଆଇନଜୀବୀ ଟି.କେ. ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ବିଭାଗୀୟ୍ ଚିକିତ୍ସକ ଓ ଅନ୍ୟାନ୍ୟ ବିଭାଗୀୟ୍ କର୍ମକର୍ତ୍ତାମାନଙ୍କୁ ମାନସିକ ରୋଗୀଙ୍କ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ସୁବିଧା ଏବଂ ଆଇନ୍ ସେବା ପ୍ରାଧିକରଣର ଭୂମିକା ସମ୍ପର୍କରେ ଅବଗତ କରାଯାଇଥିଲା। ରୋଗୀଙ୍କୁ କମ୍ବଳ, ଗାମୁଛା, ବିସ୍କୁଟ୍ ଓ ଫଳ ଇତ୍ୟାଦି ବଣ୍ଟନ କରାଯାଇଥିଲା।

## ■ ଗଞ୍ଜାମରେ ବଢୁଛନ୍ତି ମାନସିକ ରୋଗୀ

# ଅଢ଼େଇ ବର୍ଷରେ ୯ ହଜାର ଚିହ୍ନଟ

ବ୍ରହ୍ମପୁର ଅଫିସ୍,୧୦।୧୦

ଗଞ୍ଜାମ ଜିଲାରେ ମାନସିକ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ବ୍ରହ୍ମପୁର ସିଟି ହସ୍‌ପିଟାଲ୍ ତଥା ଜିଲା ମୁଖ୍ୟ ଚିକିତ୍ସାଳୟ ମାନସିକ ରୋଗ ବିଭାଗରେ ଗତ ଅଢ଼େଇ ବର୍ଷରେ ପ୍ରାୟ ୯ହଜାର ରୋଗୀ ଚିକିତ୍ସିତ ହୋଇଛନ୍ତି। ବିଭାଗ ପକ୍ଷରୁ ରୋଗୀଙ୍କୁ ମାଗଣା ଔଷଧ ସହ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି । ଫଳରେ ଯେଉଁ ରୋଗୀମାନେ ପୂର୍ବରୁ ଜିଲା ବାହାରକୁ ଯାଇ ଚିକିତ୍ସିତ ହେଉଥିଲେ, ସେମାନେ ବର୍ତ୍ତମାନ ସିଟି ହସ୍‌ପିଟାଲ୍‌ରେ ଚିକିତ୍ସିତ ହେବାକୁ ପସନ୍ଦ କରୁଛନ୍ତି ।

ଜିଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସିଟି ହସ୍‌ପିଟାଲ୍‌ରେ ୨୦୧୭ରୁ ମାନସିକ ରୋଗ ଚିକିତ୍ସା ବିଭାଗ ଖୋଲିଛି । ୨୦୧୭-୧୮ ବର୍ଷରେ ମାତ୍ର ୧୫ଶହ ରୋଗୀ ଏଠାରେ ଚିକିତ୍ସିତ ହୋଇଥିଲେ। କିନ୍ତୁ ୨୦୧୮-୧୯ରେ ଏହି ସଂଖ୍ୟା ଢ଼େର ବଢ଼ିଯାଇଥିଲା । ଏହି ବର୍ଷ ୪ହଜାର ୩୩୨ ରୋଗୀଙ୍କୁ ଚିକିତ୍ସା ସୁବିଧା ପ୍ରଦାନ କରାଯାଇଥିଲା । ୨୦୧୯-୨୦(ଅଗଷ୍ଟ ସୁଦ୍ଧା) ୩ହଜାର ୧୫୫ ରୋଗୀ ଚିକିତ୍ସିତ ହେଉଛନ୍ତି। ଆଗକୁ ଏହି ସଂଖ୍ୟା ଆହୁରି ବଢ଼ିବ । ପ୍ରାୟ ୩ ହଜାରରୁ ଅଧିକ ରୋଗୀ ଚିକିତ୍ସିତ ହେବେ। ତେବେ ଏହି ସଂଖ୍ୟା ବଢ଼ିବା ପଛର କାରଣ ବ୍ୟାପକ ରୋଗୀ ଚିହ୍ନଟ କାର୍ଯ୍ୟକ୍ରମ । ବିଭାଗ ପକ୍ଷରୁ ନିୟମିତ ଜିଲାର ବିଭିନ୍ନ ଚିକିତ୍ସାଳୟଗୁଡ଼ିକରେ



ମାନସିକ ରୋଗ ସଚେତନତା ରଥକୁ ସିଡିଏମ୍‌ଓ ଡା. ବିଜୟ କୁମାର ପାଣିଗ୍ରାହୀ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ମାନସିକ ରୋଗୀଙ୍କୁ ଚିହ୍ନଟ କରାଯାଉଛି। ଚଳିତ ବର୍ଷ ୩୫ କ୍ୟାମ୍ପ ଆୟୋଜିତ ହୋଇସାରିଲାଣି। ଆହୁରି ୯ କ୍ୟାମ୍ପ ଆଗାମୀ ଦିନରେ କରାଯିବ। ଚିକିତ୍ସା ସୁବିଧା ରୋଗୀଙ୍କ ନିକଟରେ ପହଞ୍ଚୁଥିବା ଯୋଗୁ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଅନ୍ୟପଟେ ମାନସିକ ରୋଗ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ପଦକ୍ଷେପ ନିଆଯାଉଛି। ଦାସକାଠିଆ ମାଧ୍ୟମରେ 'ସାନ୍ତ୍ୱନା' ନାମକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଗଞ୍ଜାମ ଜିଲାରେ ୨୬୪ ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇସାରିଲାଣି ।

ମାନସିକ ରୋଗ ବିଶେଷଜ୍ଞ ଡା. ବିଭୁ କଲ୍ୟାଣ ସାହୁଙ୍କ କହିବାନୁଯାୟୀ, ସିଟି ହସ୍‌ପିଟାଲରେ ବିଭାଗ ଖୋଲିବା ପରଠୁ ରୋଗୀଙ୍କ ସଂଖ୍ୟା ବଢୁଛି। ଏଠାରେ ମାଗଣାରେ ଔଷଧ ପ୍ରଦାନ କରାଯାଉଛି। ୫୬ ପ୍ରକାର ଔଷଧ ରୋଗୀଙ୍କୁ ଦିଆଯାଉଛି। ସେହିଭଳି ପ୍ରତ୍ୟେକ ରୋଗୀଙ୍କ ଡାଟାବେସ୍ ପ୍ରସ୍ତୁତ କରାଯାଉଛି। ପ୍ରତି ମାସରେ ସେମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ତଥ୍ୟ ସଂଗ୍ରହ କରାଯାଉଛି । ନିୟମିତ ପରୀକ୍ଷା ପାଇଁ ପରାମର୍ଶ ଦିଆଯାଉଛି। ଅନେକ ସମୟରେ ବିଶେଷଜ୍ଞ ଡାକ୍ତରମାନେ ରୋଗୀଙ୍କ ପାଖକୁ ଯାଇ ମଧ୍ୟ ଚିକିତ୍ସା କରୁଛନ୍ତି। ସେହିଭଳି ଚିକିତ୍ସାଳୟକୁ ଆସିବା ପାଇଁ ରୋଗୀଙ୍କୁ ପ୍ରତ୍ୟେକ ମାସରେ ୨ଶହ ଟଙ୍କା ଲେଖାଏ ଗସ୍ତ ଖର୍ଚ୍ଚ ପ୍ରଦାନ କରାଯାଉଛି। ପ୍ରାୟତଃ ରୋଗୀମାନେ ସେମାନଙ୍କ ରୋଗ ସମ୍ପର୍କରେ ବହୁ ବିଳମ୍ବରେ ଜାଣିପାରୁଛନ୍ତି। ଫଳରେ ଚିକିତ୍ସାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଯଦି ସେମାନେ ଚିକିତ୍ସାଳୟକୁ ଆସିବେ, ତେବେ କମ୍ ସମୟରେ ରୋଗ ଭଲ କରାଯାଇପାରିବ। ଏ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ମାନସିକ ରୋଗୀଙ୍କ ପାଇଁ ରାଜ୍ୟ ସରକାରଙ୍କର ଯେଉଁ ସବୁ ଯୋଜନା ରହିଛି, ସେସବୁର ସୁବିଧା ରୋଗୀଙ୍କୁ ଦିଆଯାଉଛି ବୋଲି ଡା. ସାହୁ ପ୍ରକାଶ କରିଛନ୍ତି ।

ଅପରପକ୍ଷରେ ଗୁରୁବାର ସିଟି ହସ୍‌ପିଟାଲ୍‌ରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଥିଲା। ଏହି

■ବ୍ୟାପକ ହେଉଛି ଚିହ୍ନଟ କାର୍ଯ୍ୟକ୍ରମ

■ମାଗଣାରେ ମିଳୁଛି ୫୬ ପ୍ରକାର ଔଷଧ

ଅବସରରେ ଆର୍‌ଏନ୍‌ଟିସିପି ହଲ୍‌ରେ ଏକ ସଭା ଆୟୋଜିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ । ଚଳିତ ବର୍ଷର ଥିମ୍ 'ଆତ୍ମହତ୍ୟା ନିରାକରଣ' ଉପରେ ସେ ବକ୍ତବ୍ୟ ପ୍ରଦାନ କରିଥିଲେ । ମାନସିକ ରୋଗ ବିଶେଷଜ୍ଞ ଡା. ବିଭୁ କଲ୍ୟାଣ ସାହୁ ପାୱାର୍ ପଏଣ୍ଟ ମାଧ୍ୟମରେ ଆତ୍ମହତ୍ୟାର କାରଣ ଏବଂ ନିରାକରଣ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଡିପିଏଚ୍‌ଓ(ଚିକିତ୍ସାଳୟ) ଡା. ହିମାଂଶୁବାଳା ପଟ୍ଟନାୟକ, ସିଟି ହସ୍‌ପିଟାଲ୍ ସୁପରିଣ୍ଟେଣ୍ଡେଣ୍ଟ ଡା. ପି. କୁର୍ମୈୟା, ଜିଲା ଯକ୍ଷ୍ମା ଅଧିକାରୀ ଡା. ମନୋଜ ପଣ୍ଡା, ଡିଇଆଇସିର ଏମ୍‌ଓ ଡା. ସୁକାନ୍ତୀ ଦାସ, ଆର୍‌ଏନ୍‌ଟିସିପି ଏମ୍‌ଓ ଗୀତ୍‌ମୟ ପଟ୍ଟନାୟକ, ପୂର୍ବତନ ସିଡିଏମ୍‌ଓ ଡା. ରତ୍ନାକର ବେହେରାଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ । ଏହା ପୂର୍ବରୁ ସକାଳେ ମାନସିକ ରୋଗ ସଚେତନତା ରଥ ବାହାରି ସହର ପରିକ୍ରମା କରିଥିଲା ।

### ଜୁଆ ଆଡ୍ଡାରେ ଚଢ଼ାଉ : ୩ଗିରଫ

ହିଞ୍ଜିଳିକାଟୁ,୧୦।୧୦(ଡ଼ି.ଏନ୍.ଏ.)

ହିଞ୍ଜିଳି ଥାନା ପୋଡ଼ିଙ୍ଗି ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ହିଞ୍ଜିଳି ପୋଲିସ ଗୁରୁବାର ଚଢାଉ କରି ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫ହଜାର ୨୫୦ଟଙ୍କା ଜବତ କରାଯାଇଛି। ଏନେଇ ଥାନାରେ ମାମଲା ରୁଜୁ ହୋଇଛି।

### ସାଂସ୍କୃତିକ କାର୍ଯ୍ୟକ୍ରମ

ଜି.ଉଦୟଗିରି, ୧୦।୧୦ (ଡି.ଏନ.ଏ.)

ଜି.ଉଦୟଗିରି ଦୁର୍ଗା ପୂଜା ମଣ୍ଡପ ନିକଟରେ ବୁଧବାର ସାଂସ୍କୃତିକ କାର୍ଯ୍ୟକ୍ରମ ମହାଭାରତ ନାଟକ ମଞ୍ଚସ୍ଥ ହୋଇଯାଇଛି। ସେହିପରି ଗୁରୁବାର ସନ୍ଧ୍ୟାରେ ମେଲୋଡି ପ୍ରଦର୍ଶନ ହେଉଛି। ଏଠାରେ ମା' ଅଧିଷ୍ଠାତ୍ରୀ ଦେବୀ ବରାଳ ଦେବୀଙ୍କ ଘଟ ପୂଜା ପାଉଥିବା ଯୋଗୁ ମା'ଙ୍କ ଘଟ ବିସର୍ଜନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଏ। ମା'ଙ୍କ ଘଟ ମଙ୍ଗଳବାର ରାତିରେ ବିସର୍ଜନ କରାଯାଇଥିଲା। ମା'ଙ୍କ ମୂର୍ତ୍ତି ବିସର୍ଜନ ଶୁକ୍ରବାର ସନ୍ଧ୍ୟାରେ କରାଯିବ ବୋଲି ପୂଜା କମିଟି ତରଫରୁ କୁହାଯାଇଛି। କମିଟି ସଭାପତି ସମୀର କୁମାର ପାଢ଼ୀ, କାର୍ଯ୍ୟକାରୀ ସଭାପତି ମନୋଜ ମହାପାତ୍ର, ସନ୍ତୋଷ କୁମାର ଆଚାର୍ଯ୍ୟ, ଶରତ ଚୌଧୁରୀ, କାଳୁ ଚରଣ ପଣ୍ଡା, ବିପିନ ସାହୁ ଓ ରବୀନ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ। ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଲୋକଙ୍କ ଭିଡ ଜମିଥିଲା । ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଜନ ସମ୍ପର୍କ ପଦଯାତ୍ରାରେ ହେବ ନୂଆ ସଭ୍ୟ ସଂଗ୍ରହ

ବ୍ରହ୍ମପୁର ଅଫିସ,୧୦।୧୦

ଗଞ୍ଜାମ ଜିଲା ବିଜେଡି ବୈଠକ ଗୁରୁବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି । ମାନ୍ଦା ପଡ଼ିଯାଇଥିବା ଦଳର ନୂଆ ସଭ୍ୟ ସଂଗ୍ରହ ଅଭିଯାନକୁ ଜୋରଦାର କରାଯିବା ଏବଂ ରାଜ୍ୟ ସରକାରଙ୍କ ବହୁମୁଖୀ କଲ୍ୟାଣ ଯୋଜନା ସମ୍ପର୍କରେ ଜନ ସଚେତନତା ସୃଷ୍ଟି ନିମନ୍ତେ ସବୁ ଗ୍ରାମାଞ୍ଚଳ, ସହରାଞ୍ଚଳରେ ପଦଯାତ୍ରାକୁ ବ୍ୟାପକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଶୁକ୍ରବାର ଲୋକ ନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ସମସ୍ତ ନିର୍ବାଚନ ମଣ୍ଡଳୀରେ ପାଳନ କରାଯିବାକୁ ବିଧାୟକ ଓ ଅନ୍ୟମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିରେ ଜିଲା ସଭାପତି ତଥା ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବା ବେଳେ ଗଞ୍ଜାମ ପାଇଁ ନିଯୁକ୍ତ ବିଜେଡି ପର୍ଯ୍ୟବେକ୍ଷକ ପୁରୀର ପୂର୍ବତନ ବିଧାୟକ ମହେଶ୍ୱର ମହାନ୍ତି ବୈଠକରେ ଯୋଗ ଦେଇଥିଲେ। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଉପସ୍ଥିତ ଥିଲେ। ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ ହାଉସ୍ ସମ୍ମିଳନୀ ଗୃହରେ ହୋଇଥିବା


ଜିଲା ବିଜେଡି ବୈଠକରେ ଉପସ୍ଥିତ ନେତା ଓ କାର୍ଯ୍ୟକର୍ତ୍ତା।

ବୈଠକରେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଚିକିଟି, ଖଲ୍ଲିକୋଟ, ଆସିକା ବିଧାୟିକା ଯଥାକ୍ରମେ ଉଷା ଦେବୀ, ସୂର୍ଯ୍ୟମଣି ବୈଦ୍ୟ ଓ ମଞ୍ଜୁଳା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସାଙ୍ଗଠନିକ ଆଲୋଚନାରେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ନନ୍ଦିନୀ ଦେବୀ, ଯୁବ ବିଜେଡି ଜିଲା ସଭାପତି ଧନଞ୍ଜୟ ରାଓ, ମହିଳା ବିଜେଡି ଜିଲା ସଭାନେତ୍ରୀ ସଂଘମିତ୍ରା ଦଳାଇ, ବ୍ରହ୍ମପୁର ମହାନଗର ବିଜେଡି ସଭାପତି ବିଜୟ ଚନ୍ଦ୍ର ସାମଲ, ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀଙ୍କ ସମେତ ଜିଲା କମିଟି କର୍ମକର୍ତ୍ତାମାନେ ଭାଗ ନେଇଥିଲେ।

**ଗଞ୍ଜାମ ଜିଲା ବିଜେଡି ବୈଠକରେ ନିଷ୍ପତ୍ତି**

■ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ହେବ ମେଗା ରକ୍ତଦାନ ଶିବିର

■୫ ଶହ ୟୁନିଟ ରକ୍ତ ସଂଗ୍ରହ ଲକ୍ଷ୍ୟ

ଆସନ୍ତା ୧୬ତାରିଖରେ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନକୁ ଧୂମଧାମରେ ଜିଲାବ୍ୟାପି ପାଳନ କରାଯିବ। ବ୍ରହ୍ମପୁରରେ ସେହିଦିନ ମେଗା ରକ୍ତଦାନ ଶିବିର କରାଯାଇ ଅନ୍ୟୁନ ୫ ଶହ ୟୁନିଟ ରକ୍ତ ସଂଗ୍ରହ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଗତ ୨ତାରିଖରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜିଲାର ପ୍ରମୁଖ ସ୍ଥାନ ବ୍ରହ୍ମପୁରରେ ମାତ୍ର ଦିନକ ପାଇଁ ପଦଯାତ୍ରା କରାଯାଇ ବନ୍ଦ ହୋଇଯାଇଛି। କୁମାର ପୂର୍ଣ୍ଣିମା ପରେ ମହାନଗରରେ ଦଳ ପଦଯାତ୍ରା ଓ ସଭ୍ୟ ସଂଗ୍ରହ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ସମୁଦାୟ ୪୦ ୱାର୍ଡକୁ ୮ ଜୋନ୍ କରାଯାଇଛି । ପ୍ରତି ଜୋନ୍‌ରେ ୫ ଲେଖାଏ ୱାର୍ଡ ବ୍ୟବସ୍ଥା ହୋଇଛି। ପଦଯାତ୍ରା ବେଳେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ଏବଂ ମୋ ସରକାର ମନ୍ତ୍ରକୁ ନେଇ ଜନ ସଚେତନତା କରାଯିବାର ଗୁରୁତ୍ୱ ଦିଆଯାଇଥିଲା। ଚଳିତ ମାସ ଶେଷ ପର୍ଯ୍ୟନ୍ତ ପଦଯାତ୍ରା ଓ ନୂଆ ସଦସ୍ୟ ସଂଗ୍ରହ ହେବ ।

# ବ୍ରହ୍ମପୁର ସ୍କେଟର୍‌ଙ୍କ ରାୟପୁର ଗସ୍ତ

ବ୍ରହ୍ମପୁର ଅଫିସ୍,୧୦।୧୦

ଚଳିତ ମାସ ୧୨ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଛତିଶଗଡ଼ ରାୟପୁରରେ ଅନୁଷ୍ଠିତ ହେବାକୁ ଯାଉଛି ଜାତୀୟସ୍ତରୀୟ ସ୍କେଟିଂ ପ୍ରତିଯୋଗିତା। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ଇଷ୍ଟ ଜୋନ ପାଇଁ ଆୟୋଜିତ ପ୍ରତିଯୋଗିତାରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଛତିଶଗଡ, ଆସାମ ଓ ମିଜୋରାମ ଭଳି ୧୧ ରାଜ୍ୟର ବିଭିନ୍ନ ବିଦ୍ୟାଳୟର ସ୍କେଟରମାନେ ଭାଗ ନେଉଛନ୍ତି। ଏଥିରେ ଅଂଶ ଗ୍ରହଣ କରିବେ ବ୍ରହ୍ମପୁରରେ ଥିବା ବିଭିନ୍ନ ବିଦ୍ୟାଳୟର ୬ ବାଳିକା ଓ ବାଳକ। ଏଥି ମଧ୍ୟରେ ଜଣେ ବାଳିକା ଓ ୫ ବାଳକ ରହିଛନ୍ତି । ବାଳିକା ବିଭାଗରେ ଅନ୍ୱେଷା ବିଷୋୟୀ ଓ ବାଳକ ବିଭାଗରେ ଅନୁଭବ ପଣ୍ଡା, ପୁନିତ ଗୀଡ଼, ଆଶୁତୋଷ ପାଢୀ, ଆୟୁଷ ପଣ୍ଡା, ଦେବାଙ୍ଗ ରାଉତ ଦଳରେ ସାମିଲ ହୋଇଛନ୍ତି। କମାପଲ୍ଲୀରେ ଥିବା ସିଲକି ରୋଲର ସ୍କେଟିଂ ଏକାଡେମୀରେ ଏହି ଖେଳାଳିମାନେ ନିଜର ଅଭ୍ୟାସ ଜାରି ରଖିଥିଲେ। ପ୍ରତିବର୍ଷ ସିବିଏସ୍‌ଇ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ଖେଳାଳିମାନେ ଅଂଶ ଗ୍ରହଣ କରିବା ଲାଗି ସୁଯୋଗ ପାଇଥାନ୍ତି। ଗୁରୁବାର ସନ୍ଧ୍ୟାରେ ଟ୍ରେନ ଯୋଗେ ଖେଳାଳିମାନେ ପ୍ରତିଯୋଗିତାରେ ଭାଗନେବା ପାଇଁ ରାୟପୁର ଯାତ୍ରା କରିଛନ୍ତି। ବ୍ରହ୍ମପୁର ରେଳଷ୍ଟେଶନରେ ଏକାଡେମୀ, ସିନିୟର ସ୍କେଟର ଓ ଅଭିଭାବକମାନେ ଭଲ ପ୍ରଦର୍ଶନ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଉକ୍ତ ପ୍ରତିଯୋଗିତାରେ କୃତୀ ସ୍କେଟରମାନଙ୍କୁ ଆସନ୍ତା ମାସରେ କର୍ଣ୍ଣାଟକ ବେଲଗାଭିରେ ହେବାକୁ ଥିବା ଜାତୀୟସ୍ତରୀୟ ସ୍କେଟିଂ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସୁଯୋଗ ମିଳିବ ।



ବ୍ରହ୍ମପୁରର ସ୍କେଟିଂ ଖେଳାଳିମାନେ ।

## ■ ଆନ୍ତଃ ବିଶ୍ୱବିଦ୍ୟାଳୟ ହକି ଟୁର୍ଣ୍ଣାମେଣ୍ଟ ଚୟନ ଶିବିର

# ଭାଗନେଲେ ୨୯ ପ୍ରତିଯୋଗୀ


ଚୟନ ଶିବିରରେ ପ୍ରତିଯୋଗୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି ।

ବ୍ରହ୍ମପୁର ଅଫିସ,୧୦।୧୦

ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ହକି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବ । ବାରାଣସୀର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ଚୟନ ଶିବିର ବୁଧବାରରୁ ଆରମ୍ଭ ହୋଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ଆୟୋଜିତ ଶିବିରରେ ବିଭିନ୍ନ ମହାବିଦ୍ୟାଳୟର ୨୯ ପ୍ରତିଯୋଗୀ ଭାଗ ନେଇଛନ୍ତି। ସେଥିମଧ୍ୟରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ସମେତ ଭଞ୍ଜନଗର କେଏସ୍‌ୟୁଭି କଲେଜ, ବୁଗୁଡା ଆଦିବାସୀ କଲେଜ, ସାମନ୍ତିଆପଲ୍ଲୀ ଏସ୍‌ବିପି ମହାବିଦ୍ୟାଳୟ, ବ୍ରହ୍ମପୁର ସିଟି କଲେଜ ଛାତ୍ରମାନେ ଅଂଶ ଗ୍ରହଣ କରିଛନ୍ତି । ଏନ୍‌ଆଇଏସ୍ କୋଚ ସୀମାଞ୍ଚଳ ଗୌଡ ପ୍ରତିଯୋଗୀଙ୍କୁ ତାଲିମ ପ୍ରଦାନ କରିଛନ୍ତି । ତେବେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚୟନ ଶିବିରରେ ମନୋନୀତ ୧୬ ପ୍ରତିଯୋଗୀ ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ଆସନ୍ତା ୧୩ରେ ବାରାଣସୀ ଗସ୍ତ କରିବେ ବୋଲି କ୍ରୀଡା ପରିଷଦ ପକ୍ଷରୁ ସୂଚନା ମିଳିଛି। କ୍ରୀଡା ପରିଷଦ କୋଚ ରାଜେଶ ମହାନ୍ତି, ରବି ଚରଣ ମିଶ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ୩ ବର୍ଷ ୯ ମାସରେ ୧୩୨ ଅଚିହ୍ନା ମୃତଦେହ ଠାବ

ବ୍ରହ୍ମପୁର ଅଫିସ,୧୦।୧୦

ବ୍ରହ୍ମପୁର ରେଳ ଷ୍ଟେଶନ ଦେଇ ପ୍ରତିଦିନ ୭୦ ରୁ ୮୦ ଟ୍ରେନ ଯାତାୟାତ କରୁଛି। ଏଠାରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ରହିଛନ୍ତି ସରକାରୀ ରେଳବାଇ ପୋଲିସ(ଜିଆରପି) ଓ ରେଳବାଇ ସୁରକ୍ଷା ଫୋର୍ସ (ଆରପିଏଫ)। ଯାତ୍ରା ବେଳେ ଅସାବଧାନତା ଯୋଗୁ ଟ୍ରେନରୁ ଖସି ଲୋକଙ୍କ ଜୀବନ ଯାଉଛି। ପୁଣି କେତେବେଳେ ରେଳ ଧାରଣା ପାରି ହେଉଥିବା ବେଳେ ତ କେବେ ଧାରଣାରେ ଶୋଇ ଆତ୍ମହତ୍ୟା କରିବା ଯୋଗୁ ଲୋକଙ୍କ ପ୍ରାଣହାନି ଘଟୁଛି। ୨୦୧୬ରୁ ୨୦୧୯ ଅକ୍ଟୋବର ୧୦ ସୁଦ୍ଧା ଜିଆରପି ଥାନାରେ ୩୦୫ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେଥିରୁ ୧୩୨ ଜଣଙ୍କ ପରିଚୟ ମିଳିନାହିଁ। ଫଳରେ ବହୁ ଲୋକ ତାଙ୍କର ପ୍ରିୟଜନ ଏବେ ଜୀବିତ କି ମୃତ ତାହା ଜାଣିପାରୁ ନାହାନ୍ତି। ପୋଲିସ ଫାଇଲରେ ଏହା ଏକ ଅପମୃତ୍ୟୁ ମାମଲା ହୋଇ ରହି ଯାଉଥିବା ବେଳେ ପରିବାର ବର୍ଗଙ୍କ ପାଇଁ ସେହି ମୃତ ବ୍ୟକ୍ତି ନିଖୋଜ ପାଲଟିଛନ୍ତି । ବ୍ରହ୍ମପୁର ଜିଆରପି ଥାନା ସୀମା ୧୨୦ କି.ମି. ପରିଧି

**ଟ୍ରେନରେ କଟୁଛି ମୁଣ୍ଡ**

୩ ବର୍ଷ ୯ ମାସ ୧୦ ଦିନରେ ଅପମୃତ୍ୟୁ ସଂଖ୍ୟା (ଅକ୍ଟୋବର ୧୦ ସୁଦ୍ଧା)

| ବର୍ଷ | ମାମଲା | ଅପରିଚିତ |
|---|---|---|
| ୨୦୧୬ | ୯୯ | ୩୭ |
| ୨୦୧୭ | ୮୭ | ୩୫ |
| ୨୦୧୮ | ୭୩ | ୩୬ |
| ୨୦୧୯ | ୪୬ | ୨୪ |



■ପୋଲିସ ଫାଇଲରେ ଅପମୃତ୍ୟୁ

ମଧ୍ୟରେ ରହିଛି। ଏହା ଚିଲିକା ରେଳ ଷ୍ଟେଶନରୁ ଆରମ୍ଭ ହୋଇଛି। ଖୋର୍ଦ୍ଧା ଜିଲା ଚିଲିକାରୁ ବ୍ରହ୍ମପୁର ଥାନା ସୀମା ଆରମ୍ଭ ହୋଇ ଗଞ୍ଜାମ, ଗଜପତି ଓ ଗୁଣପୁର ପର୍ଯ୍ୟନ୍ତ ବ୍ୟାପିଛି। ଟ୍ରେନରେ ଯାତ୍ରା ବେଳେ ସାବଧାନ ରହିବା ପାଇଁ ବିଭିନ୍ନ ସମୟରେ ଜିଆରପି ଓ ଆରପିଏଫଙ୍କ ଦ୍ୱାରା ଯାତ୍ରୀଙ୍କୁ ସଚେତନ କରାଯାଉଛି। ସେହିପରି ରେଳ ଧାରଣା ଉପରେ ନ ଯିବା ପାଇଁ କୁହାଯାଇଛି। ଲୋକଙ୍କ ମଧ୍ୟରେ ସଚେତନତା ଅଭାବ ଯୋଗୁ ବାରମ୍ବାର ଆକସ୍ମିକ ଦୁର୍ଘଟଣା ଘଟି ଅକାଳରେ ଜୀବନ ଚାଲିଯାଉଛି। ବ୍ରହ୍ମପୁର ଜିଆରପି ଥାନାରେ କିଛି ଦିନର ବ୍ୟବଧାନରେ ଏଭଳି ଘଟଣା ନେଇ ଅପମୃତ୍ୟୁ ମାମଲା ରୁଜୁ ହେଉଛି। ବିଭିନ୍ନ ସମୟରେ ଲୋକେ ଟ୍ରେନରେ କଟିଯିବା ଫଳରେ ଶରୀର ଖଣ୍ଡ ବିଖଣ୍ଡିତ ହୋଇଯାଉଛି। ଏପରିକି ଚଳନ୍ତା ଟ୍ରେନରୁ ଖସି ପଡୁଥିବା ଲୋକଙ୍କୁ ଠିକ୍‌ଭାବେ ଚିହ୍ନଟ କରାଯାଇପାରୁନାହିଁ କି ସେମାନଙ୍କ ପରିଚୟ ମିଳୁନାହିଁ। ଯଦି ପରିଚୟ ପତ୍ର ମିଳୁଛି, ତେବେ ସହଜରେ ମୃତ ବ୍ୟକ୍ତିଙ୍କ ଠିକଣା ପୋଲିସ ପାଇପାରୁଛି। ନ ଚେତ ସେହି ଅପମୃତ୍ୟୁ ମାମଲା ଅପରିଚିତ ମୃତ ବ୍ୟକ୍ତି ପୋଲିସ ଫାଇଲ ତଳେ ରହିଯାଉଛି । ଗତ ୩ ବର୍ଷ ୯ ମାସ ୧୦ ଦିନ ମଧ୍ୟରେ ବ୍ରହ୍ମପୁର ଜିଆରପି ପାଖରେ ଏଭଳି ପ୍ରାୟ ୧୩୨ ଜଣ ମୃତ ଅପରିଚିତ ବ୍ୟକ୍ତିଙ୍କ ଫାଇଲ ପଡ଼ି ରହିଛି। ଜିଆରପି ତରଫରୁ ବିଭିନ୍ନ ଥାନାକୁ ମୃତ ବ୍ୟକ୍ତିଙ୍କ ଫଟୋ ପଠା ଯାଉଛି । ହେଲେ ଏହି ୧୩୨ ମାମଲା ଏବେବି ଅପରିଚିତ ହୋଇରହିଛି। ଚଳିତ ବର୍ଷ ଅକ୍ଟୋବର ୧୦ ସୁଦ୍ଧା ୪୬ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ୨୪ ଜଣଙ୍କ ପରିଚୟ ମିଳିନାହିଁ। ରେଳ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ପ୍ରଚାର ବିଜ୍ଞାପନ, ହୋର୍ଡିଂ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ଲୋକେ ଏ ଦିଗରେ ସଚେତନ ହେଲେ ଏଭଳି ଦୁର୍ଘଟଣାକୁ ରୋକାଯାଇପାରିବ ବୋଲି ଜିଆରପି ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ୧୧ ଅକ୍ଟୋବର, ୨୦୧୯



## ସଂକ୍ଷେପରେ

### ଅଙ୍ଗନୱାଡି କର୍ମୀଙ୍କଠାରୁ ଟଙ୍କା ଲୁଟିଲେ ଦୁର୍ବୃତ୍ତ

**ଗଞ୍ଜାମ,୧୦।୧୦(ଡି.ଏନ.ଏ.):** ଜଣେ ବିଧବା ଅଙ୍ଗନୱାଡି କର୍ମୀଙ୍କଠାରୁ ଗୁରୁବାର ମଧ୍ୟାହ୍ନ ଗୋଟାଏ ବେଳେ ୩୦ ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ଏନେଇ ମହିଳା ଜଣଙ୍କ ଗଞ୍ଜାମ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନଂ. ୯୪/୧୯ରେ ମାମଲା ରୁଜୁକରି ତଦନ୍ତ ଚାଲିଥିବା ଥାନା ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଅଙ୍ଗନୱାଡ଼ି କର୍ମୀ ଶ୍ରୀବଣା ଗ୍ରାମର ଆର. କମଳା ଗଞ୍ଜାମ ଷ୍ଟେଟ ବ୍ୟାଙ୍କରୁ ପୂର୍ବାହ୍ନରେ ୩୦ ହଜାର ଟଙ୍କା ଉଠାଇ ନିଜ ଭ୍ୟାନିଟ୍ ବ୍ୟାଗରେ ରଖି ଘରକୁ ଫେରୁଥିଲେ। ହଠାତ୍ ଗୋଟିଏ ବାଇକରେ ୨ଜଣ ଯୁବକ ଆସି ଟଙ୍କା ଭର୍ତ୍ତି ଭ୍ୟାନିଟ୍ ବ୍ୟାଗ ଝାମ୍ପିନେଇ ଚମ୍ପଟ ମାରିଥିଲେ।

# ଡିଏଫ୍‌ଓଙ୍କ କାର୍ଯ୍ୟାନୁଷ୍ଠାନ ଧମକ ପରେ ଫାଇଲ ଆସିଲା

**ଭଞ୍ଜନଗର,୧୦।୧୦(ଡି.ଏନ.ଏ.)**

ରାଜ୍ୟ ସରକାର ୫-ଟିକୁ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଯୋଜନାର ସଫଳ ରୂପାୟନ ପାଇଁ ତଳିଆ କର୍ମଚାରୀଙ୍କ ସହଯୋଗ ଲୋଡ଼ା। ଭଞ୍ଜନଗର ଜଙ୍ଗଲ ବିଭାଗର ଉପରିସ୍ଥ ଅଧିକାରୀ ଏବଂ କିଛି ତଳିଆ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ। ତଳିଆ କର୍ମଚାରୀମାନେ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି। ଫଳରେ ଲୋକଙ୍କ ପାଖରେ ଯୋଜନାର ସୁଫଳ ପହଞ୍ଚି ପାରୁନାହିଁ। ଏନେଇ ଗତ ୫ ତାରିଖରେ ଧରିତ୍ରୀରେ 'ଅଫିସରଙ୍କ ନିର୍ଦ୍ଦେଶ ମାନୁନାହାନ୍ତି କର୍ମଚାରୀ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏନେଇ ବନ ବିଭାଗ କାର୍ଯ୍ୟାଳୟରେ ଚର୍ଚ୍ଚା ହେବାପରେ ଡିଏଫ୍‌ଓ ଅଭୟ କୁମାର ଦଳେଇ କେତେଜଣ କର୍ମଚାରୀଙ୍କୁ କାର୍ଯ୍ୟରେ ଅବହେଳା ନେଇ ତାଗିଦ୍ କରିଥିଲେ। ୩ ଦିନ ମଧ୍ୟରେ ଫସଲ କ୍ଷତିଗ୍ରସ୍ତ ହୋଇଥିବା ପ୍ରକୃତ ଚାଷୀଙ୍କ ତାଲିକା ପଠାଇବାକୁ ଡିଏଫ୍‌ଓ ଜଣେ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ୩ଜଣ ଚାଷୀଙ୍କ ଫସଲ କ୍ଷତି ରିପୋର୍ଟ ଡିଏଫ୍‌ଓଙ୍କ ପାଖକୁ ପଠାଯାଇଛି। ଏହିଭଳି ଅନେକ ଯୋଗ୍ୟ ଚାଷୀ ଫସଲ କ୍ଷତିପୂରଣ ପାଇବା ପାଇଁ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ଯେଉଁ ଚାଷୀ ବିଭାଗୀୟ କର୍ମଚାରୀଙ୍କ ସହ ସମନ୍ୱୟ ରକ୍ଷା କରୁଛନ୍ତି ସେମାନଙ୍କ

**ତଳିଆ କର୍ମଚାରୀ ଚାପି ରଖିଥିଲେ**

ଫାଇଲ ଉପରକୁ ଯାଉଛି ଅନୁମୋଦନ ପାଇଁ। ଯେଉଁମାନେ ସମନ୍ୱୟ ରଖିବାରେ ସକ୍ଷମ ହୋଇପାରୁନାହାନ୍ତି ସେମାନଙ୍କୁ ବିଭିନ୍ନ ବାହାନା ଦେଖାଇ ବଞ୍ଚିତ କରାଯାଉଛି। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚ ପଦାଧିକାରୀ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାପାଇଁ ଦାବି ହୋଇଛି।

**ଧରିତ୍ରୀ ପ୍ରଭାବ**

ସୂଚନାଯୋଗ୍ୟଯେ ଗତ ଜୁଲାଇରେ ମୁଜାଗଡ ରେଞ୍ଜର ଗୁଣ୍ଡିରିବାଡି, ବୀଣାଗାଁ, ଖଣ୍ଡିକୋଟି ପ୍ରମୁଖ ଗ୍ରାମରେ ୨୮ ଚାଷୀଙ୍କ ଜମିରେ ହାତୀ ଧାନ ଦଳି ନଷ୍ଟ କରିଥିଲା। ବନ ବିଭାଗ କର୍ମଚାରୀ ପରଦିନ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ସହ ଫଟୋ ଉଠାଇ ଆଣିଥିଲେ। ଏହାପରେ ଚାଷୀମାନେ କ୍ଷତିପୂରଣ ପାଇଁ ଆବେଦନ କରିଥିଲେ। ମାତ୍ର ୩ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ତଳିଆ କର୍ମଚାରୀମାନେ ଡିଏଫଓ ଅଫିସକୁ ଫାଇଲ ପଠାଇ ନ ଥିଲେ। ଚାଷୀମାନେ ବିଭିନ୍ନ ସମୟରେ ଜଣେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଅଭିଯୋଗ ପାଇବା ପରେ ଉଚ୍ଚ ପଦାଧିକାରୀ କର୍ମଚାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ମଧ ସେମାନେ ମାନୁ ନ ଥିଲେ। ଧରିତ୍ରୀରେ ଖବର ପ୍ରକାଶ ପରେ ଏବେ ଚାଷୀଙ୍କ ସମସ୍ୟାର ସମାଧାନ ହେବାକୁ ଯାଉଛି।

ଅପରପକ୍ଷେ ଘୁମୁସର ଉତ୍ତର ବନଖଣ୍ଡର ବ୍ରାହ୍ମଣପଦର ପ୍ରମୁଖ ଅଞ୍ଚଳରେ ୩୦ରୁ ଉର୍ଦ୍ଧ୍ୱ ହାତୀ ଘୂରି ବୁଲୁଛନ୍ତି। ସନ୍ଧ୍ୟାହେଲେ ନିକଟବର୍ତ୍ତୀ ଜମିରେ ପଶି ଫସଲ ନଷ୍ଟ କରୁଛନ୍ତି। ହାତୀର ସୁରକ୍ଷା ପାଇଁ ଚାଷୀମାନଙ୍କୁ ସଚେତନତା କରାଯିବା ସହ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଛି।

### ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

**ପାତ୍ରପୁର,୧୦।୧୦(ଡି.ଏନ.ଏ.)**

ପାତ୍ରପୁର ତହସିଲ ସାମନ୍ତିଆପଲ୍ଲୀ ପଞ୍ଚାୟତ ଚୁଡ଼ିଆଲାଞ୍ଜି ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ମୋ' ଗାଁରେ ତହସିଲ କାର୍ଯ୍ୟକ୍ରମକୁ ତହସିଲଦାର ଡ. ଶ୍ରୀନିବାସ ବେହେରା ଉଦ୍‌ଘାଟନ କରିଥଲେ। ରାଜସ୍ୱ ସୁପରଭାଇଜର ଭାସ୍କର ବେହେରା ଓ ରବୀନ୍ଦ୍ର ବନ, ସୁମିତ ପାଢ଼ୀ ଯୋଗ ଦେଇଥିଲେ। ପଞ୍ଚାୟତର ଓଏଲ୍‌ଆର, ମ୍ୟୁଟେଶନ, ପଟ୍ଟା ଓ ବିଭିନ୍ନ ପ୍ରମାଣପତ୍ର ପାଇଁ କାର୍ଯ୍ୟକ୍ରମକୁ ୨୭୯ ଆବେଦନପତ୍ର ଆସିଥିଲା। ସାମନ୍ତିଆପଲ୍ଲୀ ରାଜସ୍ୱ ନିରୀକ୍ଷକ ଅଶୋକ ପଣ୍ଡା, ସତ୍ୟବାଦୀ ବେହେରା, ବଳରାମ ପ୍ରଧାନ, କ୍ଷୀରସିନ୍ଧୁ ବେହେରା, ପ୍ରକାଶ ମଲିକଙ୍କ ସହ ଜନସେବା କେନ୍ଦ୍ର କର୍ମଚାରୀ ସହଯୋଗ କରିଥିଲେ।

### ବନ୍ଧୁଙ୍କ ଚିକିତ୍ସା ପାଇଁ ସହାୟତାର ହାତ

**ଫୁଲବାଣୀ ଅଫିସ, ୧୦।୧୦:** ରୋଗରେ ପୀଡ଼ିତ ଜଣେ ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ତାଙ୍କ ବନ୍ଧୁମାନେ ଆର୍ଥିକ ସହାୟତା ଯୋଗାଇ ଦେବା ସହ ତାଙ୍କର ଆରୋଗ୍ୟ କାମନା କରିଛନ୍ତି। ଏଭଳି ଘଟଣା ଫୁଲବାଣୀସ୍ଥିତ ପିଅନପଡ଼ା ଅଞ୍ଚଳରେ ଦେଖିବାକୁ ମିଳିଛି। ପିଅନପଡ଼ା ମା' ମଙ୍ଗଳା ସାହିରେ ରହୁଥିବା ସୂର୍ଯ୍ୟମଣୀ ସାହୁ ବର୍ଷେ ହେବ କୌଣସି ଏକ ରୋଗରେ ପଡି ଚିକିତ୍ସିତ ହେଉଥିଲେ। ପାଖରେ ଥିବା ଅର୍ଥ ଶେଷ ହୋଇଯିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କର ଚିନ୍ତା ବଢ଼ିଥିଲା। କୌଣସି ପ୍ରକାରେ ଏହି ଖବର ସ୍ଥାନୀୟ ଏଜେଓ ହାଇସ୍କୁଲରେ ୧୯୯୧ ବ୍ୟାଚ୍‌ରେ ପଢୁଥିବା ସୂର୍ଯ୍ୟମଣୀଙ୍କ ସାଙ୍ଗମାନଙ୍କ କାନରେ ପଡିଥିଲା। ବନ୍ଧୁଙ୍କୁ ସାହାଯ୍ୟ କରିବାକୁ ୨୫ ବର୍ଷ ପରେ ପ୍ରାୟ ୫୦ ସାଙ୍ଗ ଏକଜୁଟ୍ ହୋଇଥିଲେ। ସପ୍ତାହକ ମଧରେ ସେମାନେ ପ୍ରାୟ ୧ ଲକ୍ଷ ଟଙ୍କା ଯୋଗାଡ କରି ସୂର୍ଯ୍ୟମଣୀଙ୍କୁ ଦେଇଥିଲେ। ଏହି ଅର୍ଥ ପାଇବା ପରେ ସୂର୍ଯ୍ୟମଣି ନିଜର ଚିକିତ୍ସା କରାଇଛନ୍ତି। ଏବେ ସେ ସୁସ୍ଥ ଅଛନ୍ତି। ବନ୍ଧୁମାନଙ୍କୁ ସେ ସାଧୁବାଦ ଜଣାଇଛନ୍ତି। ପ୍ରଭାତ ପଣ୍ଡା, ବିଭୂତି ପଣ୍ଡା, ସତ୍ୟଜିତ୍ ଦିକ୍ଷିତ, ଧୀରେନ୍ ପାତ୍ର, ଅଶ୍ୱିନୀ ତ୍ରିପାଠୀ, ପ୍ରଭାତ ମୁନୀ, ସଞ୍ଜୟ କର୍ଣ୍ଣ, ପ୍ରମୋଦ ପଟ୍ଟନାୟକ, ମାନସ ମହାପାତ୍ର, ପ୍ରଭାତ ସାଥିଆ ପ୍ରମୁଖ ସୂର୍ଯ୍ୟମଣିଙ୍କୁ ସାହଯ୍ୟ କରିଛନ୍ତି।



ଭଞ୍ଜନଗର ବ୍ଲକରେ ଜଙ୍ଗଲ, ପରିବେଶ ମନ୍ତ୍ରୀଙ୍କ ସମୀକ୍ଷା

# ୫-ଟି ଉପରେ ଗୁରୁତ୍ୱାରୋପ




ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

**ଭଞ୍ଜନଗର,୧୦।୧୦(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ୫-ଟି ଅର୍ଥାତ ଟିମ୍ ୱାର୍କ, ଟେକ୍ନୋଲୋଜି, ଟାଇମ୍ ଲିମିଟ୍, ଟ୍ରାନ୍ସଫର୍ମେସନ ଓ ଟ୍ରାନ୍ସପରେନ୍ସି କିଭଳି ଠିକ୍ ଭାବେ କାର୍ଯ୍ୟକାରୀ ହେବ ସେନେଇ ଦୃଷ୍ଟି ଦେଇଛନ୍ତି। ଏଥିପାଇଁ ବିଭିନ୍ନ ବିଭାଗରେ ତତ୍ପରତା ଦେଖାଦେଇଛି। ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୁରୁବାର ଅଚାନକ ଭଞ୍ଜନଗର ଗସ୍ତ କରିଥିଲେ। ଏହି ସମୟରେ ସେ ୫-ଟି ଉପରେ ଗୁରୁତ୍ୱାରୋପ କରିବା ସହ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସରକାରଙ୍କ ଯୋଜନା କିଭଳି ଠିକ୍ ଭାବେ ନିର୍ଦ୍ଧାରିତ ସମୟରେ ଲୋକଙ୍କ ପାଖରେ ପହଞ୍ଚି ପାରିବ ସେନେଇ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବ୍ଲକକୁ ଆସୁଥିବା ଲୋକଙ୍କ ଅଭିଯୋଗ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଆଯାଉ। ଆମ ଗାଁ ଆମ ବିକାଶ ଯୋଜନା, ତିତ୍‌ଲି ପୁନରୁଦ୍ଧାର କାର୍ଯ୍ୟ, ଗୋପବନ୍ଧୁ ଗ୍ରାମୀଣ ବିକାଶ ଯୋଜନା, ଏମ୍‌ପି ଏବଂ ବିଧାୟକ ଅନୁଦାନ, କ୍ରିଟିକାଲ ଫଣ୍ଡ, ଅଙ୍ଗନୱାଡି କେନ୍ଦ୍ର, ବିଭିନ୍ନ ଭତ୍ତା, ଯୋଗାଣ ବିଭାଗ, ପିଇବା ପାଣି, ରାସ୍ତା, ପରିମଳ, ସମନ୍ୱିତ ଶିଶୁ ବିକାଶ ସମେତ ପ୍ରମୁଖ ଯୋଜନାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ୪ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ସମୀକ୍ଷା ଚାଲିଥିଲା। କେତେକ ଯୋଜନାରେ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ବିରକ୍ତି ପ୍ରକାଶ କରି ଏହାକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ନଚେତ୍ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚାଇ ଦେଇଥିଲେ। ସମୀକ୍ଷା ବୈଠକରେ ବିଡିଓ ଅନିଲ କୁମାର ସେଠୀ, ଏବିଡିଓ ଭଜରାମ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ବିନ ଦଳବେହେରା, ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ୫ ଫୁଟ ଉଚ୍ଚରେ ୩୩ କେଭି ବିଦ୍ୟୁତ୍ ତାର

**ସାଉଥ୍‌କୋ ଏସ୍‌ଡିଓଙ୍କୁ ଅଭିଯୋଗ**

**କନିଷ୍ଠି,୧୦।୧୦(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକ ଇନ୍ଦ୍ରାକ୍ଷୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ ପୋଖରୀ ରହିଛି। ଏହାର ଜଳପତ୍ତନ ଠାରୁ ୫ ଫୁଟ ଉଚ୍ଚରେ ୩୩ କେଭି ବିଦ୍ୟୁତ ତାର ଝୁଲି ରହିଛି। ଏନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ବିଫଳ ହେବାପରେ ଗୁରୁବାର କନିଷ୍ଠି ବିଦ୍ୟୁତ ବିଭାଗର ଜୁନିୟର ଇଞ୍ଜିନିୟର, ଏସ୍‌ଡିଓ, ବ୍ରହ୍ମପୁର ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟରଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଗ୍ରାମବାସୀ ସେହି ପୋଖରୀରେ ଗାଧୋଉଛନ୍ତି। ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ଝୁଲି ରହିଛି। ତାର ଛିଡି ପାଣିରେ ପଡିଲେ ବହୁ ଧନଜୀବନ ହାନି ହେବ। ତେଣୁ ତୁରନ୍ତ ଏହାକୁ ସ୍ଥାନାନ୍ତର କରିବାକୁ ଦାବି କରିଛନ୍ତି। ନଚେତ୍ ଅଘଟଣ ଘଟିଲେ ଏଥିପାଇଁ ବିଭାଗ ହିଁ ଦାୟୀ ରହିବା ସହ ମୁଣ୍ଡ ପିଛା ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ବାଧ ହେବେ ବୋଲି ଗ୍ରାମବାସୀ ଉଲ୍ଲେଖ କରିଛନ୍ତି। ଅଭିଯୋଗପତ୍ର ପ୍ରଦାନ ବେଳେ ଇନ୍ଦ୍ରାକ୍ଷୀ ଗ୍ରାମର ସାମାଜିକକର୍ମୀ ନଟବର ସାହୁ, କମଳ କୁମାର ସାହୁ, କନ୍ତାରୁ ସାହୁ, ପି. ଜଗଦୀଶ ରେଡ଼ି, ରମେଶ ଚନ୍ଦ୍ର ସାହୁ, ଟି. ଜଗନ୍ନାଥ ରେଡ଼ି, ଲକ୍ଷ୍ମଣ କୁମାର ସାହୁ, ପ୍ରମୋଦ କୁମାର ସାହୁ, ଜୟରାମ ସାହୁ ଏବଂ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସିଆର୍‌ପିଏଫ୍‌କୁ ଜାଗା ଦେବାରୁ ଗ୍ରାମବାସୀଙ୍କ ବିରୋଧ

**ବାଲିଗୁଡା,୧୦।୧୦(ଡି.ଏନ୍.ଏ.)**

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ ମହାସିଙ୍ଗ ପଞ୍ଚାୟତରେ ଏକ ଜାଗାକୁ ସରକାର କେନ୍ଦ୍ରୀୟ ସଂରକ୍ଷଣ ପୋଲିସ ବାହିନୀ (ସିଆର୍‌ପିଏଫ୍)କୁ କ୍ୟାମ୍ପ କରିବାକୁ ଦେଇଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ଗ୍ରାମବାସୀଙ୍କ କହିବା ପ୍ରକାରେ ଏହି ପଞ୍ଚାୟତରେ ପ୍ରାୟ ୬ହଜାରୁ ଅଧିକ ଲୋକ ବସବାସ କରନ୍ତି। ସରକାର ଘୋଷଣା କରିଥିବା ୧୬ଆର୍ (୧ଏକର-୪ଶହ ଆର୍) ଜାଗା କାହାକୁ ମଧ ମିଳିନାହିଁ। ଏହାର ସମାଧାନ ନକରି କେନ୍ଦ୍ରୀୟ ସଂରକ୍ଷଣ ପୋଲିସ ବାହିନୀକୁ ଦିଆଯାଇଥିବାରୁ ଏହାକୁ ଆମେ ପ୍ରବଳ ବିରୋଧ କରୁଛୁ, ଉକ୍ତ ଜାଗାରେ ଯଦି କଲେଜ, ମେଡିକାଲ,କିମ୍ବା ବିଦ୍ୟାଳୟ କରାଯିବ ତେବେ ଦିଆଯିବ ବୋଲି ଗ୍ରାମର ସରପଞ୍ଚ ନୀଳିମା ମଲିକ, ନାଏବ ସରପଞ୍ଚ ପାଜୀତ ପାତ୍ର, ପଞ୍ଚାୟତ ସ୍ତରୀୟ ସଭାନେତ୍ରୀ ସୁଷମା ବେହେରଦଳେଇ ଓ ପଞ୍ଚାୟତର ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି, ସମ୍ପାଦକ, ସଦସ୍ୟ ପ୍ରମୁଖ କହିଛନ୍ତି । ଏହାର କୌଣସି ସମାଧାନ ନ ହେଲେ ଆଗାମୀ ଦିନରେ ରାସ୍ତାରୋକୋ ସହ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।



ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

# ଛତ୍ରପୁରରେ ବିଶ୍ୱ ଦୃଷ୍ଟି ଦିବସ

**ଛତ୍ରପୁର ୧୦।୧୦(ଡି.ଏନ.ଏ.)**

ଶଙ୍କର ଚକ୍ଷୁ ଚିକିତ୍ସାଳୟ ଓ ସାଇଟ୍ ସେଭର୍ସ ମିଳିତ ଆନୁକୂଲ୍ୟରେ ଏବଂ ପୋଲିସ ଓ ଜିଲା ପ୍ରଶାସନ ସହଯୋଗରେ ଗୁରୁବାର ଛତ୍ରପୁରରେ ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଯାଇଛି । ଏନେଇ ଏକ ଶୋଭାଯାତ୍ରା ସ୍ଥାନୀୟ ଜିଲାପାଳଙ୍କ ବାସଭବନଠାରୁ ବାହାରିଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଅନ୍ଧତ୍ୱ ଦୂରୀକରଣ ଉପରେ ବାର୍ତ୍ତା ଦେଇ ଚକ୍ଷୁର କିପରି ଯତ୍ନ ନିଆଯିବ ଏବଂ ତାହାର ଉପଯୋଗ ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା । ଏଥିରେ ଚିକିତ୍ସାଳୟ ଆଇନ୍ ପରାମର୍ଶଦାତା ଓକିଲ ବି. ଶ୍ରୀନିବାସ, ଡା. ବାସୁରାଜ ସାଇନି, ବିଶ୍ୱଜିତ୍ ଦେହୁରୀ, ବି.ପି. ସାମଲ, ୟୁଥ୍ ମାସ ସେବା ସଂଘ ସମ୍ପାଦକ ସୟଦ ମୁଖ୍‌ତାର, ରିଜର୍ଭ ଇନ୍ସପେକ୍ଟର ଗଙ୍ଗାଧର ଧାଙ୍ଗର, ଓମେଗା ଅନୁଷ୍ଠାନ ନିର୍ଦ୍ଦେଶକ ଚିନ୍ମୟ କୁମାର ଦାଶ, ଆୟୁବ ଖାନ୍, ରାଜେନ୍ଦ୍ର ସାହୁ, ପ୍ରଧାନଶିକ୍ଷକ ଭାଗୀରଥି ସ୍ୱାଇଁ, ଛତ୍ରପୁର ରୋଟାରୀ କ୍ଲବ ସଭାପତି ନିରଞ୍ଜନ ପାତ୍ର, ଛତ୍ରପୁର ଓକିଲ ସଂଘ ସଭାପତି କେ. ଶିବରାମ ରେଡ୍ଡୀ ପ୍ରମୁଖ ସାମିଲ ଥିଲେ ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

**ଆସିକା,୧୦।୧୦(ଡି.ଏନ୍.ଏ.)**

ଆସିକା ତାଲୁକା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଗୁରୁବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ପ୍ରାଧିକରଣର ଅଧ୍ୟକ୍ଷା ତଥା ଅତିରିକ୍ତ ଜିଲାଜର୍ଜ ରାଜଲକ୍ଷ୍ମୀ ପଟ୍ଟନାୟକ ଆସିକା ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଡାକ୍ତରଖାନାର ଚିକିତ୍ସାଧିକାରୀ ଦୀପକ କୁମାର ସାମନ୍ତରା, ଓକିଲ ସଂଘ ସଭାପତି ସରୋଜ କୁମାର ତ୍ରିପାଠୀ, ଆଇନଜୀବୀ ସୁଧାଂଶୁ କୁମାର ପାଣିଗ୍ରାହୀ, ଅନନ୍ତ ଶୟନଂ, ଅଜିତ ଚୌଧୁରୀ, ଅଜିତ ପଟ୍ଟନାୟକ, ମଧୁସ୍ମିତା ନାୟକ, ସଂଯୁକ୍ତା ମୁନି ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

**ବମକେଇରେ ପୁଣି ରାଜନୈତିକ ହିଂସା**

# ସଂଘବଦ୍ଧ ଆକ୍ରମଣରେ ଅଟୋଚାଳକ ଗୁରୁତର

**ଜଣେ ଗିରଫ, ୩ ଫେରାର**

**ଦିଗପହଣ୍ଡି,୧୦।୧୦(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବମକେଇ ପଞ୍ଚାୟତରେ ପୁଣି ରାଜନୈତିକ ହିଂସା ଘଟିଛି। ଏକ ରାଜନୈତିକ ଦଳର ସମର୍ଥକ ହୃଷିକେଶ ପ୍ରଧାନଙ୍କୁ ଅନ୍ୟଏକ ଦଳର ୪ ଜଣ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ହୃଷି ଅଟୋ ନେଇ ଘରକୁ ଫେରୁଥିବା ବେଳେ ବମକେଇ ଗ୍ରାମ ରାମ ମନ୍ଦିର ଛକରେ ପୂର୍ବ ଯୋଜନା ପ୍ରକାରେ ତାଙ୍କ ଯାତ୍ରୀବାହୀ ଅଟୋକୁ ଅଟକାଇ କେତେଜଣ ଆକ୍ରମଣ କରିଥିବା ସେ ଗୁରୁବାର କେ.ନୂଆଗାଁ ଥାନାରେ ଏତଲା ଦେଇଛନ୍ତି। ନଂ.୧୯୪/୧୯ରେ ମାମଲା ରୁଜୁକରି ପୋଲିସ ହରି ଓରଫ ହରିଶ୍ଚନ୍ଦ୍ର ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ ଜଣାଇଛନ୍ତି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ୩ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ପ୍ରକାଶ ଯେ, ବୁଧବାର ରାତି ପ୍ରାୟ ସାଢ଼େ ୯ଟାରେ ନୂଆପଡ଼ା-ଚାନ୍ଦପୁର ଗ୍ରାମରୁ ହୃଷିକେଶ ବମକେଇ ଫେରୁଥିଲେ। ରାମ ମନ୍ଦିର ଛକ ଲକ୍ଷ୍ମୀ ନାରାୟଣ ସାହିରେ ଦୁର୍ଗା ପୂଜା ଭସାଣି ଶୋଭାଯାତ୍ରା ଚାଲିଥିଲା। ହୃଷିକେଶ ସେଠାରେ ପହଞ୍ଚିବା କ୍ଷଣି ତାଙ୍କୁ ଆକ୍ରମଣ କରିଥିଲେ। ଖବର ପ୍ରଚାରିତ ପରେ ହୃଷିଙ୍କ ସମର୍ଥକ ଆକ୍ରମଣ କରିଥିବା ଗୋଷ୍ଠୀଙ୍କ ଘର ସମ୍ମୁଖରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଏନେଇ ହରିଶ୍ଚନ୍ଦ୍ରଙ୍କ ବାପା ବିପ୍ରଚରଣ ପ୍ରଧାନ କେ.ନୂଆଗାଁ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ନଂ.୧୯୫/୧୯ରେ ପୋଲିସ ବିପକ୍ଷ ଗୋଷ୍ଠୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ଗତ ଅଗଷ୍ଟ ୧୯ରେ ଟୁନା ପ୍ରଧାନଙ୍କୁ ସିନ୍ଧୁଖାଳିଗାଁ ଛକରେ ବିପକ୍ଷ ଗୋଷ୍ଠୀ ହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଟୁନାଙ୍କୁ ହୃଷିକେଶ ତାଙ୍କ ଅଟୋରେ ଡ଼ାକ୍ତରଖାନା ନେଇଥିଲେ। ଏହି ମାମଲାରେ ହୃଷିକେଶ ସାକ୍ଷୀ ଥିବାରୁ ତାଙ୍କୁ ଆକ୍ରମଣ କରାଯାଇଥିବା ଅଭିଯାଗ ହୋଇଛି।

# ବିଭିନ୍ନ ସ୍ଥାନରେ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

**ଛତ୍ରପୁର,୧୦।୧୦(ଡି.ଏନ.ଏ.)**

ଲୋକେ ଯେପରି ରାଜସ୍ୱ ବିଭାଗର ବିଭିନ୍ନ ସହାୟତା ଠିକ୍ ଭାବେ ନିକଟରେ ପାଇବେ ତାହା 'ମୋ ଗାଁରେ ତହସିଲ' କାର୍ଯ୍ୟକ୍ରମର ଲକ୍ଷ୍ୟ। ଛତ୍ରପୁର ତହସିଲ ପକ୍ଷରୁ ଗୁରୁବାର କଣମଣା ବାତ୍ୟା ଆଶ୍ରୟ ସ୍ଥଳୀରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଣମଣା, ଆର୍ଯ୍ୟପଲ୍ଲୀ, ପୋଡାପଦର, ଅଗସ୍ତି ନୂଆଗାଁ, ଚମାଖଣ୍ଡି, ଶ୍ରୀରାମଚନ୍ଦ୍ରପୁର ଓ କାଳିପଲ୍ଲୀ ପଞ୍ଚାୟତ ଜନସାଧାରଣ ଏହି ଶିବିରକୁ ଆସିଥିଲେ। ଶିବିରରେ ୭୭୦ ଜଣ ପଞ୍ଜୀକୃତ ହୋଇଥିବା ବେଳେ ୩୨୫ ମାମଲାର ସମାଧନ ହୋଇଥିଲା। ତହସିଲଦାର ନୀଳମାଧବ ଭୋଇ, ବିଡିଓ ଅମ୍ବିକା ପ୍ରସାଦ ଦାଶ, ଅତିରିକ୍ତ ତହସିଲଦାର ଜସ୍ମିନ ପ୍ରଧାନ ଓ ବିଶ୍ୱଜିତ କହଁର, ସରପଞ୍ଚ ଏସ୍.ଚକ୍ରପାଣି ରେଡ୍ଡୀ, ସମିତିସଭ୍ୟା ରଶ୍ମିତା ବେହେରା, ପୋଡାପଦର ସରପଞ୍ଚ ପୀତାମ୍ବର ପଣ୍ଡା ଓ ସମସ୍ତ ଆରଆଇ ଉପସ୍ଥିତ ଥିଲେ ।

**ଭଞ୍ଜନଗର:** ଭଞ୍ଜନଗର ତହସିଲ କାର୍ଯ୍ୟାଳୟ ପକ୍ଷରୁ ଗାଲେରିରେ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ହୋଇଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଚାନକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଲୋକଙ୍କୁ ସେମାନଙ୍କ ସୁବିଧା ଅସୁବିଧା ପଚାରିଥିଲେ। ପ୍ରଶାସନ ଆପଣଙ୍କ ପାଖରେ, ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଲୋକଙ୍କୁ ସେ କହିଥିଲେ। ଏଠାରେ ମୋଟ ୧୫୭ଟି ଅଭିଯୋଗ ଆସିଥିଲା। ତହସିଲଦାର ଦୀନମଣି ନାୟକ, ଅତିରିକ୍ତ ତହସିଲଦାର ଅନିଲ କୁମାର ଆଚାର୍ଯ୍ୟ, ସେକ୍ସନ ଅଫିସର ଅନିଲ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେଠାରୁ ଜିଲାପାଳ ଗାଲେରୀ ମେଡିକାଲକୁ ଯାଇଥିଲେ। ତାଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଗ୍ରାମବାସୀ ଅବଗତ କରାଇଥିଲେ। ଏଥିପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଛନ୍ତି।

**ଗଞ୍ଜାମ:** ହରିପୁର ବୁରୁଡିସ୍ଥିତ ଲଙ୍ଗଳେଶ୍ୱର ହାଇସ୍କୁଲଠାରେ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲକ୍ଷ୍ମୀକାନ୍ତ ସେଠୀ, ତହସିଲଦାର ଅବନୀ କୁମାର ସାହୁ, ଅତିରିକ୍ତ ତହସିଲଦାର ସୁରେଶ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନ, କେଦାର ସ୍ୱାଇଁ, ସାନରାମଚନ୍ଦ୍ରପୁର ସରପଞ୍ଚ, ବଡରାମଚନ୍ଦ୍ରପୁର ଆର୍‌ଆଇ ନୀଳାଞ୍ଚଳ ବେହେରା, ଗଞ୍ଜାମ ଆରଆଇ ଏନ. ରାଜୁ ପ୍ରମୁଖ ଉପସ୍ଥିତ ଥିଲେ। ଶୁବଳୟା ଓ ସାନରାମଚନ୍ଦ୍ରପୁର ପଞ୍ଚାୟତର ବହୁ ଲୋକ ଯୋଗଦେଇ ବିଭିନ୍ନ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ। ୨୭୧ଜଣ ବିଭିନ୍ନ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ।

**ଚିକିଟି:** ଚିକିଟି ତହସିଲ କୋଟଲିଙ୍ଗି ରାଜସ୍ୱ ମଣ୍ଡଳ ଅଧୀନ ବରାହି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମରେ ତହସିଲଦାର ହରପ୍ରସାଦ ଭୋଇ, ଅତିରିକ୍ତ ତହସିଲଦାର ଡ. ଶକ୍ତିପ୍ରସାଦ ଶ୍ରୀଚନ୍ଦନ, ରାଜସ୍ୱ ପରିଦର୍ଶକ ସୁବାସ ଚନ୍ଦ୍ର ମଲ୍ଲିକ, ରାଜସ୍ୱ ନିରୀକ୍ଷକ ପ୍ରସନ୍ନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ତହସିଲ ପକ୍ଷରୁ ଯୋଗାଯାଉଥିବା ବିଭିନ୍ନ ସୁବିଧା ଉପଲବ୍ଧ ପାଇଁ ୩୨୩ ଆବେଦନକାରୀ ପହଞ୍ଚିଥିଲେ। ସେଥିମଧ୍ୟରୁ ୬୪ ଜଣଙ୍କୁ ପଟ୍ଟା ବଣ୍ଟନ କରିଥିବା ବେଳେ ଏହିଭଳି ବିଭିନ୍ନ ତହସିଲ ସମ୍ପର୍କିତ ସମସ୍ୟା ସମାଧାନ କରିଥିଲେ।



ଗାଲେରିରେ ଜିଲାପାଳ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

**ବୁଗୁଡ଼ା:** ବୁଗୁଡ଼ା ବ୍ଲକ ବିରଞ୍ଚିପୁର ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷା ମାମି ସେନାପତି ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କ ସମେତ ବୁଗୁଡ଼ା ରାଜସ୍ୱ ନିରୀକ୍ଷକ ପ୍ରଭାସିନୀ ଦଳ ବେହୋରା, ବି.କରଡ଼ାବାଡ଼ି ରାଜସ୍ୱ ନିରୀକ୍ଷକ ସତ୍ୟ ନାରାୟଣ ପ୍ରଧାନ, ବାଲିପଦର ନିରୀକ୍ଷକ କୃଷ୍ଣଚନ୍ଦ୍ର ଜାନୀ, ସରକାରୀ ଓକିଲ ବିଭୁଦତ୍ତ ନାୟକ ଓ ତହସିଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୧୧ ପଟ୍ଟା ବଣ୍ଟନ ହୋଇଥିବା ବେଳେ ମ୍ୟୁଟେସନ ଘରବାରି ଗ୍ରାମକଣ୍ଟକ ଆଦିକୁ ନେଇ ୧୦୪ ଦରଖାସ୍ତ ପଞ୍ଜୀକରଣ ହୋଇଥିଲା।

**ବେଗୁନିଆପଡା:** ବେଗୁନିଆପଡ଼ା ବ୍ଲକ ଖଣ୍ଡିଆନଈ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ତହସିଲଦାର ପ୍ରଭାତ କୁମାର ପରିଡ଼ା ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ତହସିଲଦାର ଅଶୋକ କୁମାର ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ବିଜୟ କୁମାର ଦୋରା, ସରପଞ୍ଚ ପୁଷ୍ପାଞ୍ଜଳିପ୍ରଧାନ, ସମସ୍ତ ଆର୍‌ଆଇ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୋଟ ୨୯୩ ଆବେଦନ ପତ୍ର ଆସିଥିଲା। କେତେଟିର ତତ୍କାଳ ସମାଧାନ କରାଯାଇଥିବା ବେଳେ ଅନ୍ୟଗୁଡିକୁ ପର୍ଯ୍ୟାୟକ୍ରମେ ତଦନ୍ତ କରାଯିବ ବୋଲି ତହସିଲଦାର କହିଛନ୍ତି।

**ହିଞ୍ଜିଳିକାଟୁ:** ହିଞ୍ଜିଳିକାଟୁ ବ୍ଲକ ମକରଝୋଲ ଗ୍ରାମରେ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉଦଘାଟନ କରିଥିଲେ। ତହସିଲଦାର ଗୋପୀନାଥ କୁଅଁରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଏନ. ରଘୁନାଥ, ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ସରପଞ୍ଚ ଜି. ଏରମା, ସମିତିସଭ୍ୟା ଏନ. ସୁଦେଷ୍ଣା, ଜି. ମୋହନ, ବି. ଶଙ୍କର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ମୋଟ ୧୩୭ ଜଣଙ୍କ ଆବେଦନପତ୍ର ପଞ୍ଜୀକୃତ ହୋଇଥିଲା। ୨୫ ଜଣଙ୍କୁ ସ୍ଥାୟୀ ବାସିନ୍ଦା, ଜାତିଗତ ପ୍ରମାଣପତ୍ର ଦିଆଯାଇଛି।

**ଆସିକା:** ଆସିକା ତହସିଲ ନିମିନା ରାଜସ୍ୱ ସର୍କଲ ଅନ୍ତର୍ଗତ କେନ୍ଦୁପଦର ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ଆଶୁତୋଶ ଗୌରବ କର ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଳିକ, ବିଡିଓ ସତ୍ୟସୁନ୍ଦର ରାଉତ, ଜିଲା ଶିଳ୍ପ କେନ୍ଦ୍ରର ପରିଚାଳକ ଅନାମ ଚରଣ ପାତ୍ର, ସରପଞ୍ଚ ଲକ୍ଷ୍ମୀ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସେକ୍ସନ ଅଫିସର ପ୍ରସନ୍ନ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

ହିଞ୍ଜିଳିକାଟୁ,୧୦।୧୦(ଡ଼ି.ଏନ୍.ଏ.)- ହିଞ୍ଜିଳିକାଟୁ ବ୍ଲକ ପରିସରରେ ଗୁରୁବାର ଅପରାହ୍ନରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଅଞ୍ଚଳରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ତହସିଲଦାର ଗୋପୀନାଥ କୁଅଁର, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସାହୁ , ବିଇଓ ବସନ୍ତ କୁମାର ପଣ୍ଡା , କନିଷ୍ଠ ଯନ୍ତ୍ରୀ ଉମାଶଙ୍କର ପାଢ଼ୀ, ଲଡ଼ୁ କିଶୋର ପଣ୍ଡା, ପ୍ରାଣୀ ଚିକିତ୍ସାଧିକାରୀ ଲମ୍ବୋଦର ମହାପାତ୍ର ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ବ୍ଲକ ପରିସରରେ ଚାଲିଥିବା ସ୍ୱତନ୍ତ୍ର ଡ୍ରାଇଭିଂ ଲାଇସେନ୍ସ ଶିବିରରେ କେତେଜଣ ବ୍ୟକ୍ତିଙ୍କୁ ଜିଲାପାଳ କୁଲାଙ୍ଗେ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବ୍ଲକ ଓ ପୌରାଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ତୁରନ୍ତ ସାରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

# ମଦ ଦୋକାନ ସ୍ଥାନାନ୍ତର ଦାବିରେ ମହିଳାଙ୍କ ଧାରଣା

**ବେଗୁନିଆପଡ଼ା,୧୦।୧୦(ଡି.ଏନ.ଏ.)**

ବେଗୁନିଆପଡ଼ା ବଜାରରେ ଖୋଲିଥିବା ଠିପି ବନ୍ଦ ମଦ ଦୋକାନକୁ ସ୍ଥାନାନ୍ତର ଦାବିରେ ଗୁରୁବାର କଞ୍ଚଣା ଭେଜିପୁଟ ପୂର୍ତ୍ତ ରାସ୍ତାର ବେଗୁନିଆପଡ଼ାସ୍ଥିତ ମଦ ଦୋକାନ ନିକଟରେ ମହିଳାମାନେ ଧାରଣା ଦେଇଛନ୍ତି। ଏହି ମଦ ଦୋକାନ ପଡୋଶୀରେ ରବୀନ୍ଦ୍ର ନାଥ ଦାସଙ୍କ ପରିବାର ବାସ କରନ୍ତି। ବଜାର ମଧ୍ୟରେ ଥିବାରୁ ସାଧାରଣରେ ମଧ୍ୟ ଅସୁବିଧା ହେଉଥିବାରୁ ଏହାର ପ୍ରତିବାଦରେ ୨୫ ଡିସେମ୍ବର ୨୦୧୮ରେ ରାସ୍ତାରୋକୋ କରିଥିଲେ। ଏହାକୁ ସାମୟିକ ଭାବେ ବନ୍ଦ କରାଯାଇଥିଲା। ପରେ ତହସିଲଦାରଙ୍କ ପତ୍ର ସଂଖ୍ୟା-୧୯୫୦/୨୬।୫।୧୯କୁ ଅନୁଧ୍ୟାନ କରି ଗଞ୍ଜାମ ଜିଲାପାଳ ଉକ୍ତ ଦୋକାନ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ୧୯ ଅଗଷ୍ଟ ୧୯ରେ ଏହାର ଲାଇସେନ୍ସକୁ ମାର୍ଚ୍ଚ ୨୦୨୦ ପର୍ଯ୍ୟନ୍ତ ନବୀକରଣ କରି ଦୋକାନ ଖୋଲିବାକୁ ଅନୁମତି ପ୍ରଦାନ କରିବାରୁ ପୁଣି ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ସେପ୍ଟେମ୍ବର ୬ରେ ଉକ୍ତ ଦୋକାନ ଆଗରେ ରବୀନ୍ଦ୍ରଙ୍କ ପରିବାର ସହିତ ଅନେକ ମହିଳା ଧାରଣାରେ ବସିଥିଲେ। କୋଦଳା ତହସିଲଦାର ପ୍ରଭାତ କୁମାର ପରିଡା ପହଞ୍ଚି ଅବକାରୀ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରି ମାସେ ମଧ୍ୟରେ ସ୍ଥାନାନ୍ତର ପାଇଁ କହିଥିଲେ। ମାତ୍ର ମାସେ ବିତିଯାଇଥିଲେ ମଧ୍ୟ ସ୍ଥାନାନ୍ତର ନ ହେବାରୁ ଗୁରୁବାର ପୁଣି ଧାରଣା ଦେଇଛନ୍ତି। ଖବର ପାଇ ତହସିଲଦାର ପ୍ରଭାତ କୁମାର ପରିଡା ପହଞ୍ଚି ରାସ୍ତା ଅବରୋଧ ହଟାଇଥିଲେ। ପରେ ଅବକାରୀ ଉପ ଅଧୀକ୍ଷକ ଅଭିରାମ ବେହେରା ପହଞ୍ଚି ଫାଇଲ କାମ ସାରି ଜିଲାପାଳଙ୍କ ଦସ୍ତଖତ ପାଇଁ ଯାଇଛି। ଦୁଇ/ତିନି ଦିନ ମଧ୍ୟରେ ସ୍ଥାନାନ୍ତରିତ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। କୋଦଳା ଥାନା ଅଧିକାରୀ ଦିଲୀପ କୁମାର ସାହୁ, ବେଗୁନିଆପଡ଼ା ଫାଣ୍ଡି ଅଧିକାରୀ ରଶ୍ମି ରଞ୍ଜନ ବେହେରା, ଖଲ୍ଲିକୋଟ ଅବକାରୀ ଅଧିକାରୀ ଉମାକାନ୍ତ ସ୍ୱାଇଁ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



ତହସିଲଦାର ଉତ୍ତ୍ୟକ୍ତ ମହିଳାଙ୍କୁ ବୁଝାଶୁଝା କରୁଛନ୍ତି।

### ଯୁବତୀଙ୍କୁ ଧମକ ଦେଇ ଜଣେ ଗିରଫ

**ଗୋପାଳପୁର,୧୦।୧୦**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବତୀଙ୍କୁ ଫୋନରେ ଧମକ ଦେବା ଅଭିଯୋଗରେ ଗୋଳନ୍ଥରା ପୋଲିସ ଗୁରୁବାର ଜଣେ ଯୁବକଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ କବିସୂର୍ଯ୍ୟନଗରର ପିଣ୍ଟୁ ଦଳେଇ। ହଳଦିଆପଦରର ପୂଜା ଡ଼ାକୁଆଙ୍କ ବାପା ସହିତ କବିସୂର୍ଯ୍ୟନଗରର ପିଣ୍ଟୁ ଦଳେଇଙ୍କର ପୂର୍ବ ଶତ୍ରୁତାକୁ ନେଇ ବିବାଦ ରହିଥିଲା। ପୂଜା ଗତ କିଛିମାସ ତଳେ ବିବାହ କରିଥିଲେ। ଏହା ପରେ ପିଣ୍ଟୁ ପୂଜାଙ୍କୁ ଫୋନ କରି ଗାଳିଗୁଲଜ ସହ ହତ୍ୟା ଧମକ ଦେଉଥିଲା। ଗତ ୫ ତାରିଖରେ ଗୋଳନ୍ଥରା ଥାନାରେ ସେ ଲିଖିତ ଅଭିଯୋଗ କରିଥିଲେ। ନଂ.୨୪୩/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ପିଣ୍ଟୁଙ୍କୁ ତାଙ୍କ ଗ୍ରାମରୁ ଗିରଫ କରାଯାଇଛି।

### ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

**ପାଟପୁର,୧୦।୧୦(ଡି.ଏନ.ଏ.)**

ସାନଖେମୁଣ୍ଡି ତହସିଲ ପ୍ରଶାସନ ପକ୍ଷରୁ ଜିଉରା ଗ୍ରାମ ହାଇସ୍କୁଲରେ ଗୁରୁବାର ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ତହସିଲଦାର ଅମିତ କୁମାର ନାୟକ ଏହାକୁ ଉଦଘାଟନ କରିଥିଲେ। ଜିଉରା ସରପଞ୍ଚ ପ୍ରତିନିଧି ଲକ୍ଷ୍ମୀଚରଣ ପାତ୍ର, ନରସିଂହଗଡ ସରପଞ୍ଚ ନିତ୍ୟାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୨୧୩ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ୪୭ଟି ଘରବାରି ପଟ୍ଟା ଓ ୧୨୦ଟି ବିଭିନ୍ନ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଶ୍ରୀଚନ୍ଦନପୁର ଆର୍‌ଆଇ କାଞ୍ଚନ ସାହୁ, ଖଲିଙ୍ଗି ଆର୍‌ଆଇ ଏମ୍. ସୁଦାମ, ପାଟପୁର ଆର୍‌ଆଇ ଦୀପକ କୁମାର ଗମାଙ୍ଗୋ, କଙ୍କୋରଡା ଆର୍‌ଆଇ ମୋହନ ପ୍ରଧାନ, ପୋଡାମାରୀ ଆର୍‌ଆଇ ପୁଷ୍ପାଞ୍ଜଳି ମଲିକ, ମୌଳାଭଞ୍ଜା ଆର୍‌ଆଇ ପ୍ରଦୀପ ବେହେରା ସହଯୋଗ କରିଥିଲେ।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

**ବେଗୁନିଆପଡା,୧୦।୧୦(ଡି.ଏନ.ଏ.)**

ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ସୁଶାନ୍ତ କୁମାର ସାହୁ। ବେଗୁନିଆପଡ଼ା ଫାଣ୍ଡି ଅଞ୍ଚଳର ସୁଶାନ୍ତ କଞ୍ଚଣା ଛକଠାରେ ଥିବା ଏକ ହୋଟେଲରେ କାମ କରନ୍ତି। ବୁଧବାର ରାତିରେ ମା' ଦୁର୍ଗାଙ୍କ ଭସାଣି ଚାଲିଥିବା ସୁଶାନ୍ତ ଜଣେ ନାବାଳିକା(୯)ଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକାଙ୍କ ବାପା ଏହା ଜାଣିବା ପରେ ବେଗୁନିଆପଡ଼ା ଫାଣ୍ଡିରେ ଏତଲା ଦେଇଥିଲେ। ଫାଣ୍ଡି ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ନାବାଳିକାଙ୍କୁ ଡାକ୍ତରୀ ମାଇନା ପାଇଁ ପଠାଇଥିଲେ। ଅଭିଯୁକ୍ତ ସୁଶାନ୍ତଙ୍କୁ ଗିରଫ କରାଯାଇଛି। ଡାକ୍ତରୀ ମାଇନା ପରେ ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ଏ ନେଇ ନଂ. ୨୭୫/୧୯ରେ ଏକ ମାମଲା ରୁଜୁ କରାଯାଇଛି।

### ଜୁଆ ଆଡ୍ଡାରେ ଚଢ଼ାଉ, ୧୮ ଗିରଫ

**ଆସିକା,୧୦।୧୦(ଡି.ଏନ୍.ଏ.):**

ଆସିକା ଥାନା ଅନ୍ତର୍ଗତ ଦେବଭୂମି, ମଙ୍ଗଳପୁର ଏବଂ ଗାଙ୍ଗପୁର ଥାନା ଅନ୍ତର୍ଗତ ନିମିନା ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ୧୮ ଜଣଙ୍କୁ ଗିରଫ କରିଛି। ବୁଧବାର ରାତିରେ ଆସିକା ପୋଲିସ ଦେବଭୂମି ଓ ମଙ୍ଗଳପୁର ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରି ୧୩ ଜଣଙ୍କୁ ଗିରଫ କରିବା ସହ ୨୭ହଜାର ଟଙ୍କା ଓ ତାସ ଜବତ କରିଥିଲା। ଏ ନେଇ ଦୁଇଟି ମାମଲା (ନଂ.୩୬୧, ୩୬୨/୧୯) ରୁଜୁ କରାଯାଇ ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ସେହିପରି ଗୁରୁବାର ଅପରାହ୍ନରେ ଗାଙ୍ଗପୁର ଥାନା ପୋଲିସ ନିମିନା ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢାଉ କରି ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ୧୦,୫୬୦ଟଙ୍କା, ୪ଟି ମୋବାଇଲ ଫୋନ ଓ ତାସ ଜବତ କରାଯାଇଛି। ଏ ନେଇ ଗାଙ୍ଗପୁର ଥାନାରେ ନଂ. ୧୭୯/୧୯ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧୀରେଶ କୁମାର ଦାସ କହିଛନ୍ତି।




### ମଦ ଜବତ, ଜଣେ ଗିରଫ

**ଦିଗପହଣ୍ଡି, ୧୦।୧୦(ଡି.ଏନ.ଏ.)**

ଦିଗପହଣ୍ଡି ପୋଲିସ ଗୁରୁବାର ଛଣମେରୀ ଗ୍ରାମର ମଦ ବିକ୍ରେତା କୈଳାଶ ବିଷୋୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବୁଧବାର ସନ୍ଧ୍ୟା ପ୍ରାୟ ସାଢ଼ ୬ଟାରେ ଗାଁ ରାସ୍ତା କଡ଼ରେ ବେଆଇନ ଭାବେ ମଦ ବିକ୍ରି ଚାଲିଥିବା ଖବରକୁ ଭିତ୍ତିକରି ଥାନା ଏସ୍‌ଆଇ ମଧୁସ୍ମିତା ପ୍ରଧାନ ସଦଳବଳ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଅଟକ ରଖି ଜେରା କରିଥିଲେ। ତାଙ୍କ ପାଖରେ ଥିବା ଜରି ବ୍ୟାଗ ଖାନ ତଲାସ କରିବାରୁ ୪୩ଟି ମଦ ପାଉଚ ମିଳିଥିଲା। ନଂ.୧୯୯/୧୯ରେ ମାମଲା ରୁଜୁକରି ତଦନ୍ତ ଚାଲିଛି।

### ଆର୍‌ଏସ୍‌ଏସ୍ ପ୍ରତିଷ୍ଠା ଦିବସ

**ହିଞ୍ଜିଳିକାଟୁ, ୧୦।୧୦(ଡ଼ି.ଏନ୍.ଏ.)**

ହିଞ୍ଜିଳିକାଟୁ ବ୍ଲକର ବିଭିନ୍ନ ଗ୍ରାମରେ ବିଜୟା ଦଶମୀ ଅବସରରେ ଆରଏସ୍‌ଏସ୍ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ ସହ ସ୍ୱୟଂ ସେବକମାନେ ଗ୍ରାମ ପରିକ୍ରମା କରିଥିଲେ। ଗୁରୁବାର ହିଞ୍ଜିଳିକାଟୁ ସହରରେ ସ୍ୱୟଂସେବକମାନେ ପରିକ୍ରମା କରିଥିଲେ। ଜିଲା ସଂଘ ଚାଳକ ଡ. ପ୍ରଭାକର ସାହୁ, ସନ୍ନ୍ୟାସୀ ପୃଷ୍ଟି, କଳାକର ପୃଷ୍ଟିଙ୍କ ସମେତ ବହୁ ସ୍ୱୟଂସେବକ ଯୋଗ ଦେଇଥିଲେ। ସେହିପରି ବ୍ରାହ୍ମଣଛାଇ ଓ ରାଳବରେ ବୁଧବାର ଆର୍‌ଏସ୍‌ଏସ୍‌ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି।

### ଦୁର୍ଗାଙ୍କ ଭସାଣି ଉତ୍ସବ

**ହିଞ୍ଜିଳିକାଟୁ, ୧୦।୧୦(ଡି.ଏନ୍.ଏ.):**

ହିଞ୍ଜିଳିକାଟୁ ଓ ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ କରାଯାଇଛି। ହିଞ୍ଜିଳିକାଟୁରେ ଲକ୍ଷ୍ମୀବଜାର କମିଟି, ବିଦ୍ୟୁତ୍ ବିଭାଗ ଓ ବଇଁଚବଣିଆ ପୂଜା କମିଟି ପକ୍ଷରୁ ନିର୍ମିତ ମେଢ଼କୁ ଏକାଠି ଶୋଭାଯାତ୍ରାରେ ନଗର ପରିକ୍ରମା କରାଯିବା ପରେ ଘୋଡ଼ାହାଡ଼ ନଦୀରେ ବିସର୍ଜନ କରାଯାଇଛି। ଶ୍ରଦ୍ଧାଳୁ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଶାନ୍ତିଶୃଙ୍ଖଳାରେ ମା'ଙ୍କ ବିସର୍ଜନ ପର୍ବ ସରିଛି।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ଶତପଥୀ